# NATIONAL NEWS BULLETIN (ODIA)
## 4 January - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଗ୍ରାମୀଣ ଭାରତକୁ ସଶକ୍ତ କରିବା ଲାଗି ସରକାରଙ୍କ ଲକ୍ଷ୍ୟ ରହିଛି, କହିଲେ ପ୍ରଧାନମନ୍ତ୍ରୀ

– ନୂଆଦିଲ୍ଲୀଠାରେ ଗ୍ରାମୀଣ ଭାରତ ମହୋତ୍ସବ-୨୦୨୫କୁ କଲେ ଉଦ୍‌ଘାଟନ

- ପରୀକ୍ଷା ସମୟରେ ଅଧିକ ଚାପଗ୍ରସ୍ତ ନ ହେବା ଲାଗି ଛାତ୍ରଛାତ୍ରୀମାନଙ୍କୁ ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ପରାମର୍ଶ

- ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ରାଜଗୋପାଳ ଚିଦାମ୍ବରମ୍‌ଙ୍କ ପରଲୋକ

– ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ

- ଉତ୍ପାଦିତ ସାମଗ୍ରୀ ଗୁଡ଼ିକର ପରିବହନ ଏବଂ ସଂରକ୍ଷଣ ମୂଲ୍ୟ ବହନ କରିବେ କେନ୍ଦ୍ର ସରକାର, କହିଲେ କୃଷିମନ୍ତ୍ରୀ

ଏବଂ

- ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚ୍ ହାଇଦ୍ରାବାଦ୍ ତୋଫାନ୍ ଓ ଗୋନାସିକା ମଧ୍ୟରେ ହେବ ମୁକାବିଲା

## ପିଏମ୍-ଗ୍ରାମୀଣ ମହୋତ୍ସବ

ଗ୍ରାମାଞ୍ଚଳଗୁଡ଼ିକର ଅଭିବୃଦ୍ଧି ଏବଂ ଏହାକୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରାଯାଇ ଗ୍ରାମୀଣ ଭାରତକୁ ସଶକ୍ତ କରିବା ନିମନ୍ତେ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀଠାରେ ଆଜି ଗ୍ରାମୀଣ ଭାରତ ମହୋତ୍ସବ ୨୦୨୫କୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗ୍ରାମବାସୀଙ୍କୁ ସମ୍ମାନଜନକ ଜୀବନ ଅତିବାହିତ କରିବା ଉପରେ ସରକାର ପ୍ରାଥମିକତା ଦେଇଛନ୍ତି । ପ୍ରତ୍ୟେକ ଗାଁରେ ମୌଳିକ ସୁବିଧା ସୁଯୋଗକୁ ସୁନିଶ୍ଚିତ କରିବା ପାଇଁ ଏକ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି । ଗ୍ରାମାଞ୍ଚଳକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଅଧୀନରେ ୩ ଲକ୍ଷ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ ସମେତ ସରକାରଙ୍କ ସମସ୍ତ ପଦକ୍ଷେପ ଗ୍ରାମାଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ଦେଢ଼ଲକ୍ଷରୁ ଅଧିକ

ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଲୋକମାନେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି । ଡିଜିଟାଲ୍ ଜ୍ଞାନକୌଶଳ ସହାୟତାରେ ଦେଶର ଶ୍ରେଷ୍ଠ ଡାକ୍ତର ଏବଂ ହସ୍ପିଟାଲ ଗୁଡ଼ିକ ସହ ଗ୍ରାମାଞ୍ଚଳକୁ ଯୋଡ଼ାଯାଇ ପାରିଛି ।

ଫଳରେ ଗ୍ରାମବାସୀ ଟେଲିମେଡିସନ୍‌ର ସୁବିଧା ପାଇପାରୁଛନ୍ତି । ଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଗ୍ରାମୀଣ ଜନସଂଖ୍ୟାର ପ୍ରତ୍ୟେକ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ଲାଗି ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ଆଉ ୧ବର୍ଷ ପର୍ଯ୍ୟନ୍ତ ଜାରି ରଖିବାକୁ କେନ୍ଦ୍ର କ୍ୟାବିନେଟ୍ ଇତିମଧ୍ୟରେ ଅନୁମୋଦନ କରିଛି ବୋଲି ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ଏପରି ମହୋତ୍ସବ ଭାରତରେ ଗ୍ରାମୀଣ ବିକାଶ ଯାତ୍ରାକୁ ପ୍ରତିପାଦନ କରୁଛି । ଏହି ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ’ ନାବାର୍ଡ ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଭାରତମଣ୍ଡପମ୍ ଠାରେ ଚାଲିଥିବା ଏହି ମହୋତ୍ସବର ଶୀର୍ଷକ ରହିଛି **୨୦୪୭ ବିକଶିତ ଭାରତ ଗଠନ ପାଇଁ ସଶକ୍ତ ଗ୍ରାମୀଣ ବ୍ୟବସ୍ଥା ।**

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଗରିବ,

କୃଷକ, ଯୁବବବର୍ଗ ଏବଂ ମହିଳାଙ୍କ କଲ୍ୟାଣ ଓ ଆର୍ଥିକ ସଶକ୍ତିକରଣ ଦିଗରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

ଏହି ମହୋତ୍ସବରେ ଆଦିବାସୀ ଏବଂ ଉତ୍ତର-ପୂର୍ବାଞ୍ଚଳର ଉତ୍ପାଦଗୁଡ଼ିକୁ ନେଇ ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ବିଭିନ୍ନ କ୍ଷେତ୍ରର ସରକାରୀ ଅଧିକାରୀ, ଗ୍ରାମୀଣ ଉଦ୍ୟୋଗୀ, କାରିଗର ଏବଂ ଅଂଶୀଦାରମାନଙ୍କୁ ଏକାଠି କରି ସହଯୋଗୀ ଓ ସାମୂହିକ ଗ୍ରାମୀଣ ପରିବର୍ତ୍ତନ ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ । ଉତ୍ତର-ପୂର୍ବ ଭାରତ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିବା ସହ ଗ୍ରାମବାସୀଙ୍କ ମଧ୍ୟରେ ଅର୍ଥନୈତିକ ସ୍ଥିରତା ଓ ଆର୍ଥିକ ନିରାପତ୍ତାକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି ମହୋତ୍ସବ ବିଶେଷ ସହାୟକ ହେବ । ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଅଶ୍ୱିନୀ ବୈଷ୍ଣବ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପରୀକ୍ଷା ସମୟରେ ଛାତ୍ରଛାତ୍ରୀମାନେ ଅଧିକ ଚାପଗ୍ରସ୍ତ ନ ହେବା ଲାଗି ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀ ଠାରେ ଏନ୍.ଡି.ଏମ୍.ସି. ଦ୍ୱାରା ପରିଚାଳିତ ଏକ୍ସଜାମ୍ ୱାରିୟର୍ସ୍ ଆର୍ଟ୍ ଫେଷ୍ଟିଭାଲ୍‌ରେ ଛାତ୍ରଛାତ୍ରୀମାନଙ୍କ ସହ ମତବିନିମୟ କରି ଶ୍ରୀ

ବୈଷ୍ଣବ କହିଛନ୍ତି, ଅଭିନେତା ଏବଂ କ୍ରୀଡ଼ାବିତ୍‌ମାନେ ତାଙ୍କର କାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁଥିବାରୁ ସେମାନେ ଉତ୍ତମ ପ୍ରଦର୍ଶନ କରିଥାନ୍ତି । ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୫ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏକ ଭିଡ଼ିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସାଧାରଣତଃ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ ଚାପଗ୍ରସ୍ତ ନ ଥାନ୍ତି ବରଂ ଅତ୍ୟଧିକ ଅଭିଳାଷ ଏବଂ ଆଶା ଯୋଗୁଁ ଚାପଗ୍ରସ୍ତ ହୋଇଥାନ୍ତି । ସେ କହିଛନ୍ତି, ଭବିଷ୍ୟତ ଗଠନ ପାଇଁ ବିଭିନ୍ନ ମାର୍ଗ ଏବଂ ଅନେକ ବିକଳ୍ପ ରହିଛି । ତେଣୁ ଚାପଗ୍ରସ୍ତ ନ ହୋଇ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବାକୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ସଂସଦ ସଦସ୍ୟ  ବାନ୍‌ସୁରୀ ସ୍ୱରାଜ, ଏନ୍.ଡି.ଏମ୍.ସି. ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ପିଏମ୍-ସିକ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ରାଷ୍ଟ୍ରୋଦ୍ୟୋଗୀ ବିଶାଲ ସିକ୍କାଙ୍କ ସହିତ ମତବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଯୁବକମାନଙ୍କୁ ନବସୃଜନ ଏବଂ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରାଯାଇ କୃତ୍ରିମ ବୁଦ୍ଧିମତାକୁ ଆଗେଇ ନେବାକୁ ସରକାର ବଦ୍ଧ ପରିକର । ଏହି

ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ଶ୍ରୀ ସିକ୍କା କୃତ୍ରିମ ବୁଦ୍ଧିମତା ଏବଂ ଦେଶ ଉପରେ ଏହାର ପ୍ରଭାବ ସଂକ୍ରାନ୍ତରେ ବିଶଦ ଆଲୋଚନା କରିଥିଲେ ।

## ଡକ୍ଟର ଚିଦାମ୍ବରମ୍

ବିଶିଷ୍ଟ ବୈଜ୍ଞାନିକ ତଥା ଭାରତୀୟ ଆଣବିକ କାର୍ଯ୍ୟକ୍ରମର ମୁଖ୍ୟ ନିର୍ମାତା ଡକ୍ଟର ରାଜଗୋପାଳ ଚିଦାମ୍ବରମ୍‌ଙ୍କର ମୁମ୍ବାଇ ଠାରେ ଆଜି ସକାଳେ ପରଲୋକ ଘଟିଛି । ତାଙ୍କୁ ୮୮ ବର୍ଷ ହୋଇଥିଲା । ଭାରତର ଆଣବିକ ଅସ୍ତ୍ର କାର୍ଯ୍ୟକ୍ରମ ପରିଚାଳନାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ୧୯୭୪ ମସିହାରେ ଭାରତ ପକ୍ଷରୁ ହୋଇଥିବା ପ୍ରଥମ ଆଣବିକ ପରୀକ୍ଷା ଏବଂ ୧୯୯୮ ମସିହାରୁ ସଂଘଠିତ ପୋଖରାନ-୨ ପରୀକ୍ଷାରେ ସେ ମୁଖ୍ୟ କର୍ଣ୍ଣଧାର ଥିଲେ । କେନ୍ଦ୍ର ସରକାରଙ୍କ ମୁଖ୍ୟ ବୈଜ୍ଞାନିକ ଉପଦେଷ୍ଟା, ଭାବା ଆଣବିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ, ଆଣବିକ ଶକ୍ତି କମିଶନ୍‌ର ଅଧ୍ୟକ୍ଷ ଆଦି ପ୍ରମୁଖ ପଦପଦବୀରେ ସେ ଦାୟିତ୍ୱ ନିର୍ବାହ କରିଥିଲେ । ଡକ୍ଟର ଚିଦାମ୍ବରମ୍‌ଙ୍କୁ ୧୯୭୫ ମସିହାରେ ପଦ୍ମଶ୍ରୀ ଏବଂ ୧୯୯୯ ମସିହାରେ ପଦ୍ମବିଭୂଷଣ ଉପାଧିରେ ସମ୍ମାନୀତ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର ଚିଦାମ୍ବରମ୍‌ଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି

ଶ୍ରୀ ମୋଦୀ କହିଛନ୍ତି, ଭାରତର ଆଣବିକ କାର୍ଯ୍ୟକ୍ରମରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଭାରତର ବିଜ୍ଞାନଗତ କାର୍ଯ୍ୟକ୍ରମ ଏବଂ ରଣନୀତିକୁ ସୁଦୃଢ଼ କରିବା କ୍ଷେତ୍ରରେ ତାଙ୍କର ଅବଦାନକୁ ଶ୍ରୀ ମୋଦୀ ଭୂୟସୀ ପ୍ରଶଂସା କରିଛନ୍ତି । ତାଙ୍କର ଅବଦାନକୁ ଦେଶ ସର୍ବଦା ମନେ ରଖିବ ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଭବିଷ୍ୟତ ପିଢ଼ିକୁ ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଚୌହାନ-ମିଟିଂ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଉତ୍ପାଦିତ ଏବଂ ଖାଉଟି ରାଜ୍ୟ ଗୁଡ଼ିକ ମଧ୍ୟରେ ଦର ବ୍ୟବଧାନକୁ ଦୂର କରିବା ଲାଗି ସରକାର ଉତ୍ପାଦିତ ସାମଗ୍ରୀ ଗୁଡ଼ିକର ପରିବହନ ଏବଂ ସଂରକ୍ଷଣ ମୂଲ୍ୟ ବହନ କରିବେ । ନୂଆଦିଲ୍ଲୀ ଠାରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର କୃଷି ମନ୍ତ୍ରୀମାନଙ୍କ ସହ ସମୀକ୍ଷା ବୈଠକରେ ଶ୍ରୀ ଚୌହାନ କହିଛନ୍ତି, ଚଳିତ ବର୍ଷ କୃଷି ଏବଂ ତାର ସହଯୋଗୀ କ୍ଷେତ୍ରରେ ଅଭିବୃଦ୍ଧିହାର ୩ ଦଶମିକ୍ ୫ ପ୍ରତିଶତରୁ ୪ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନିଧି ଯୋଜନା ଅଧୀନରେ ୧୧ କୋଟି କୃଷକଙ୍କୁ ୩ କୋଟି ୪୬ ଲକ୍ଷ କୋଟି ଟଙ୍କା ବଣ୍ଟନ କରାଯାଇଛି ।

# ଜିତେନ୍ଦ୍ର ସିଂହ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ମହିଳା କୈନ୍ଦ୍ରୀକ କାର୍ଯ୍ୟକ୍ରମ ଉପରେ ସରକାରଙ୍କ ପ୍ରାଥମିକତା ରହିଛି ବୋଲି କହିଛନ୍ତି । ନୂଆଦିଲ୍ଲୀ ଠାରେ ବିଜ୍ଞାନ ଓ ଶିଳ୍ପ ଗବେଷଣା ବିଭାଗ – ଡି.ଏସ୍.ଆଇ.ଆର୍.ର ୪୦ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି, ଗବେଷଣା ଏବଂ ଶିଳ୍ପ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଡି.ଏସ୍.ଆଇ.ଆର୍. ସ୍ଥାପନ କରାଯାଇଥିଲା । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପ ଗବେଷଣା ଏବଂ ନବସୃଜନକୁ ତ୍ୱରାନ୍ୱିତ କରିବା ପାଇଁ ସମାରୋହରେ ଗୁରୁତ୍ୱାରୋପ କରାଯାଇଥିଲା । ଆନ୍ତଃ ଗବେଷଣା, ବିଜ୍ଞାନ ଓ ଶିଳ୍ପ ଗବେଷଣା ସଂଗଠନ, ଘରୋଇ ସହାୟତାରେ ଗବେଷଣାକୁ ପ୍ରୋତ୍ସାହିତ କରିବା ଆଦି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

# ଟ୍ରେନ୍ସ-ଡିଲେଡ୍

ଦେଶର ଉତ୍ତରାଞ୍ଚଳରେ ଘନ କୁହୁଡ଼ି ଯୋଗୁଁ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଛି । ବହୁ ସଂଖ୍ୟାରେ ଟ୍ରେନ୍‌ଗୁଡ଼ିକ ବିଳମ୍ବରେ ଚାଲୁଛି । ଭାରତୀୟ ରେଳବାଇ ପକ୍ଷରୁ କୁହାଯାଇଛି, ଦିଲ୍ଲୀ ଅଭିମୁଖୀ ୪୦ଟି ଟ୍ରେନ୍‌କୁ ୫ ଘଣ୍ଟା ପାଇଁ ବିଳମ୍ବ କରାଯାଇଛି । ଟ୍ରେନ୍ ଗୁଡ଼ିକ ମଧ୍ୟରେ

କାଳିନ୍ଦୀ ଏକ୍ସପ୍ରେସ୍, ରେୱା ଏକ୍ସପ୍ରେସ୍, ମହାବୋଧି ଏକ୍ସପ୍ରେସ୍, ଭୋପାଲ୍ ଏକ୍ସପ୍ରେସ୍, ହମ୍‌ସଫର୍ ଏକ୍ସପ୍ରେସ୍, ସିଆଲ୍‌ଦା ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍ ରହିଛି । ଯାତ୍ରୀମାନେ ଯାତ୍ରା କରିବା ପୂର୍ବରୁ ଟ୍ରେନ୍ ଗୁଡ଼ିକ ସମ୍ପର୍କରେ ସଦ୍ୟତମ ରିପୋର୍ଟ ଅନୁଧ୍ୟାନ କରିବା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ଦିଲ୍ଲୀ ଏସ୍‌ଜି ପାଇପର୍ସ ଏବଂ ଶ୍ରଚୀ ରାହା ବେଙ୍ଗଲ ଟାଇଗର୍ସ ମଧ୍ୟରେ ଚାଲିଛି । ଦ୍ୱିତୀୟ ମ୍ୟାଚ୍ ହାଇଦ୍ରାବାଦ ତୁଫାନ୍ସ ଏବଂ ଗୋନାସିକା ଦଳ ମଧରେ ରାତି ୮ଟା ୧୫ ମିନିଟ୍ ସମୟରେ ଖେଳାଯିବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ତାମିଲନାଡୁ ଡ୍ରାଗନ୍ସ ଓ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ ୨-୨ ଗୋଲ୍‌ରେ ଖେଳ ଅମୀମାଂସିତ ଭାବେ ଶେଷ ହୋଇଥିଲା । ସୁଟ୍‌ଆଉଟ୍ ଜରିଆରେ ତାମିଲନାଡୁ' କଳିଙ୍ଗକୁ ୬-୫ ଗୋଲ୍‌ରେ ପରାସ୍ତ କରିଥିଲା ।